# NATIONAL NEWS BULLETIN (ODIA)

## 23 March - 2026

## Evening Bulletin : 7.15 p.m.

************************************

## ମୁଖ୍ୟ ସମ୍ବାଦ

- ପଶ୍ଚିମ ଏସିଆ ବିବାଦ ସତ୍ତ୍ୱେ ଦେଶରେ ପେଟ୍ରୋଲ ଓ ଡିଜେଲ ଯୋଗାଣ ଜାରି ରହିଛି; ଲୋକସଭାରେ ବିବୃତି ରଖିଲେ ପ୍ରଧାନମନ୍ତ୍ରୀ

– ସଂଘର୍ଷ ଆରମ୍ଭ ହେବା ପରଠାରୁ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି ୩ ଲକ୍ଷ ୭୫ ହଜାରରୁ ଅଧିକ ଭାରତୀୟ

- ଲୋକସଭାରେ ଅର୍ଥବିଲ୍-୨୦୨୬ ଆଗତ କଲେ ଅର୍ଥମନ୍ତ୍ରୀ
- ଆସାମ, କେରଳମ ଓ ପୁଡୁଚେରୀ ବିଧାନସଭା ନିର୍ବାଚନ ପାଇଁ ଶେଷ ହେଲା ନାମାଙ୍କନ ପ୍ରକ୍ରିୟା
- ହର୍ମୁଜ ପ୍ରଣାଳୀ ପୁନଃକାର୍ଯ୍ୟକ୍ଷମ କରିବା ନେଇ ଇରାନ୍ ପାଇଁ ସମୟସୀମା ବୃଦ୍ଧି କଲା ଆମେରିକା

ଏବଂ

- ଦେଶର ଗୁରୁତ୍ୱପୂର୍ଣ୍ଣ ୧୯ଟି ଖଣିଜ ବ୍ଲକଗୁଡ଼ିକର ଆଜି ଆରମ୍ଭ ହେଲା ସପ୍ତମ ପର୍ଯ୍ୟାୟ ନିଲାମ ପ୍ରକ୍ରିୟା

# ଏଲ୍‌ଏସ୍‌-ପିଏମ୍‌

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ପଶ୍ଚିମ ଏସିଆ ବିବାଦ ସତ୍ତ୍ୱେ ଭାରତର ଶକ୍ତି କ୍ଷେତ୍ରରେ କୌଣସି ସଂକଟ ଉପୁଜି ନାହିଁ। ଲୋକସଭାରେ ଆଜି ପଶ୍ଚିମ ଏସିଆ ବିବାଦ ଉପରେ ବିବୃତି ଦେଇ ଶ୍ରୀ ମୋଦୀ କହିଛନ୍ତି, ଦେଶବ୍ୟାପୀ ପେଟ୍ରୋଲ ଓ ଡିଜେଲ ଯୋଗାଣ ସୁଗମ ରହିଛି। ଦେଶରେ ୫ ଦଶମିକ ୩ ନିୟୁତ ଟନ୍‌ରୁ ଅଧିକ ପେଟ୍ରୋଲ ମହଜୁଦ ରହିଛି। ତଥାପି ୬ ଦଶମିକ ୫ ନିୟୁତ ମେଟ୍ରିକ ଟନ୍‌ରୁ ଅଧିକ ଅତିରିକ୍ତ ସଂରକ୍ଷଣ ପାଇଁ ସରକାର ପ୍ରୟାସ ଜାରି ରଖିଛନ୍ତି। ଗତ ୧୧ ବର୍ଷ ମଧ୍ୟରେ ଦେଶରେ ତୈଳ ବିଶୋଧନ କ୍ଷମତା ଯଥେଷ୍ଟ ବୃଦ୍ଧି ପାଇବା ସହିତ ବିଭିନ୍ନ ଦେଶର ଯୋଗାଣକାରୀଙ୍କ ସହିତ ସରକାର ନିରନ୍ତର ଯୋଗାଯୋଗରେ ରହିଛନ୍ତି। ବିଭିନ୍ନ ଉତ୍ସରୁ ତୈଳ ଓ ଗ୍ୟାସ ଯୋଗାଣ ଜାରି ରଖିବା ପାଇଁ ସରକାର ପ୍ରୟାସ ଜାରି ରଖିଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି।

**V/O– PM Modi on energy Security**

ବୈଶ୍ୱିକ ସ୍ତରରେ ସାମ୍ପ୍ରତିକ ଗମ୍ଭୀର ପରିସ୍ଥିତି ସତ୍ତ୍ୱେ ଦେଶ ବିଦେଶରେ ଥିବା ଭାରତୀୟଙ୍କ ସୁରକ୍ଷାକୁ ସରକାର ସର୍ବୋଚ୍ଚ ପ୍ରାଥମିକତା

ପ୍ରଦାନ କରୁଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ସଂଘର୍ଷ ଆରମ୍ଭ ହେବା ପରଠାରୁ ୩ ଲକ୍ଷ ୭୫ ହଜାରରୁ ଅଧିକ ଭାରତୀୟ ସୁରକ୍ଷିତ ଭାବେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏ ପର୍ଯ୍ୟନ୍ତ ଇରାନ୍‌ରୁ ପ୍ରାୟ ୧ ହଜାର ଭାରତୀୟ ଫେରିଥିବା  ସେ କହିଛନ୍ତି।

**V/O– PM-MODI-ON-SAFETY-OF-INDIANS**

ଦେଶର ଏଲ୍‌ପିଜି ଆବଶ୍ୟକତାର ୬୦ ପ୍ରତିଶତ ଆମଦାନୀ କରାଯାଇଥାଏ। ତେବେ ଯୋଗାଣ କ୍ଷେତ୍ରରେ ଅନିଶ୍ଚିତତା ଯୋଗୁଁ ସରକାର ଘରୋଇ ବ୍ୟବହାର ପାଇଁ ଏଲ୍‌ପିଜିର ଉପଲବ୍ଧତା ସୁନିଶ୍ଚିତ କରିବା ଏବଂ ଉତ୍ପାଦନ ବୃଦ୍ଧି ନେଇ ଉଭୟ କ୍ଷେତ୍ରରେ ପ୍ରୟାସ ଜାରି ରଖିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସରକାର ଏକ ଆନ୍ତଃମନ୍ତ୍ରିସ୍ତରୀୟ ଗୋଷ୍ଠୀ ଗଠନ କରିଛନ୍ତି। ଆମଦାନୀ ଏବଂ ରପ୍ତାନୀ କ୍ଷେତ୍ରରେ ସୃଷ୍ଟି ହେଉଥିବା ଆହ୍ୱାନଗୁଡ଼ିକର ସମାଧାନ ଲକ୍ଷ୍ୟ ନେଇ ପ୍ରତ୍ୟେକ ଦିନ ଏହି ଗୋଷ୍ଠୀର ବୈଠକ ଅନୁଷ୍ଠିତ ହେଉଛି ବୋଲି  ଶ୍ରୀ ମୋଦୀ ସୂଚନା ଦେଇଛନ୍ତି।

ଦେଶରେ ଆବଶ୍ୟକ ପରିମାଣର ଖାଦ୍ୟ ଗଚ୍ଛିତ ରହିଛି। ସରକାର କୃଷି କ୍ଷେତ୍ର ପାଇଁ ପର୍ଯ୍ୟାପ୍ତ ସାର ବ୍ୟବସ୍ଥା କରିଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି। ତେବେ ସାମ୍ପ୍ରତିକ ସଂଘର୍ଷ ପରିସ୍ଥିତି ଉପରେ ଚିନ୍ତା ପ୍ରକଟ କରି ପ୍ରଧାନମନ୍ତ୍ରୀ କୂଟନୈତିକ କ୍ଷେତ୍ରରେ ଏହାର ସମାଧାନ ଉପରେ ଗୁରୁତ୍ୱ ଦେଇଛନ୍ତି। ସଂକଟର ଶାନ୍ତିପୂର୍ଣ୍ଣ ସମାଧାନ ସପକ୍ଷରେ ଭାରତ ସର୍ବଦା ମତପୋଷଣ କରିଆସିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ନାଗରିକ

ଭିତ୍ତିଭୂମି, ଶକ୍ତି, ପରିବହନ କ୍ଷେତ୍ର ଏବଂ ବାଣିଜ୍ୟିକ ପରିବହନ ଉପରେ ଆକ୍ରମଣ ଗ୍ରହଣୀୟ ନୁହେଁ ବୋଲି ପ୍ରଧାନମନ୍ତ୍ରୀ ଗୃହରେ ମତ ଦେଇଛନ୍ତି।

## ଏଲ୍‌ଏସ୍-ଫାଇନାନ୍ସ ବିଲ୍

ଲୋକସଭାରେ ଆଜି ଅର୍ଥବିଲ୍-୨୦୨୬ ଆଗତ ହୋଇଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆସନ୍ତା ଆର୍ଥିକ ବର୍ଷ ପାଇଁ କେନ୍ଦ୍ର ସରକାରଙ୍କ ଆର୍ଥିକ ପ୍ରସ୍ତାବଗୁଡ଼ିକୁ କାର୍ଯ୍ୟକାରୀ କରିବା ଲକ୍ଷ୍ୟ ନେଇ ଏହି ବିଲ୍ ଗୃହରେ ଉପସ୍ଥାପନ କରିଛନ୍ତି। ଆଲୋଚନା ଆରମ୍ଭ କରି କଂଗ୍ରେସର ଡକ୍ଟର ଅମର ସିଂହ ଅଭିଯୋଗ କରି କହିଛନ୍ତି, ସରକାର ପ୍ରଦାନ କରୁଥିବା ଟିକସ ଛାଡ଼ର ସୁବିଧା କେବଳ ମନୋନୀତ ସଂସ୍ଥା ପାଉଛନ୍ତି। ଆଲୋଚନାରେ ଅଂଶଗ୍ରହଣ କରି ବିଜେପିର ଡକ୍ଟର ନିଶିକାନ୍ତ ଦୁବେ କହିଛନ୍ତି, ପଶ୍ଚିମ ଏସିଆ ସଂଘର୍ଷ ପରିସ୍ଥିତିରେ ବିଭିନ୍ନ ଦେଶରେ ତୈଳ ଦର ବୃଦ୍ଧି ପାଇଥିଲେ ମଧ୍ୟ ଦେଶବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ସାଧାରଣବର୍ଗ ଡିଜେଲ ଓ ପେଟ୍ରୋଲ ମୂଲ୍ୟରେ କୌଣସି ବୃଦ୍ଧି କରିନାହାଁନ୍ତି। ସମାଜବାଦୀ ପାର୍ଟିର ରାମଶଙ୍କର ରାଜଭର ଜିଡିପିରେ ଅଭିବୃଦ୍ଧି ସତ୍ତ୍ୱେ ବେକାରୀ ହାର ହ୍ରାସ ପାଉନଥିବା ନେଇ ପ୍ରଶ୍ନ ଉଠାଇଛନ୍ତି। ଏଲ୍‌ପିଜି ସିଲିଣ୍ଡର ବୁକିଂ ନେଇ ସରକାରଙ୍କ ନିଷ୍ପତ୍ତିକୁ ସେ ସମାଲୋଚନା କରିଛନ୍ତି। ଆଲୋଚନାରେ ତୃଣମୂଳ କଂଗ୍ରେସ, ଡିଏମ୍‌କେ, ଜେଡିୟୁ, ଶିବିସେନା– ୟୁବିଟି'ର ସଦସ୍ୟ ପ୍ରମୁଖ ଅଂଶଗ୍ରହଣ କରିଛନ୍ତି।

# ନୋମିନେସନ୍ ପୋଷ୍ଟ

ଆସାମ, କେରଳମ୍ ଏବଂ ପୁଡୁଚେରୀରେ ଆଗାମୀ ବିଧାନସଭା ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆଜି ଶେଷ ହୋଇଛି। ଏଥିସହିତ ଗୋଆ, କର୍ଣ୍ଣାଟକ, ନାଗାଲାଣ୍ଡ ଏବଂ ତ୍ରିପୁରାରେ ହେବାକୁ ଥିବା ଉପନିର୍ବାଚନ ପାଇଁ ମଧ୍ୟ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆଜି ଶେଷ ହୋଇଛି। ଆସନ୍ତାକାଲି ପ୍ରାର୍ଥୀପତ୍ରଗୁଡ଼ିକ ଯାଞ୍ଚ କରାଯିବ। ୨୬ ତାରିଖକୁ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିବସ ଭାବେ ଧାର୍ଯ୍ୟ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଆସନ୍ତା ମାସ ୯ ତାରିଖରେ ଏହି ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ  ମତଗ୍ରହଣ କରାଯିବ।

# ପିଏମ୍ ପ୍ରଧାନ ଆର୍ଟିକିଲ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଲିଖିତ ଏକ ଲେଖାକୁ ସେୟାର କରିଛନ୍ତି। ଏଥିରେ କୃତ୍ରିମ ବୁଦ୍ଧିମତା ଚାଳିତ ପ୍ରଯୁକ୍ତିବିଦ୍ୟା ଯୁଗରେ ଭାରତର ବିକଶିତ ନବସୃଜନ କାହାଣୀ ଉପରେ ଗୁରୁତ୍ୱାରୋପ କରାଯାଇଛି। ପ୍ରଧାନମନ୍ତ୍ରୀ ତାଙ୍କ ସାମାଜିକ ଗଣମାଧ୍ୟମ ଆକାଉଣ୍ଟରେ ଏହି ଲେଖାକୁ ସେୟାର କରି କହିଛନ୍ତି, କୃତ୍ରିମ ବୁଦ୍ଧିମତା ପ୍ରତି ଭାରତର ଆଭିମୁଖ୍ୟ ଜାତୀୟ ପ୍ରାଥମିକତା ସହିତ ସମନ୍ୱିତ ବୋଲି ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଛନ୍ତି।

# ଟ୍ରମ୍ପ– ଏକ୍ସଟେଣ୍ଡ ଡେଡ୍‌ଲାଇନ୍

ହର୍ମୁଜ ପ୍ରଣାଳୀ ପୁନଃକାର୍ଯ୍ୟକ୍ଷମ କରିବା ନେଇ ଆମେରିକା ଦ୍ୱାରା ଦିଆଯାଇଥିବା ସମୟସୀମାକୁ ବୃଦ୍ଧି କରାଯାଇଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ସମୟସୀମାକୁ ଆଉ ୫ ଦିନକୁ ବୃଦ୍ଧି କରିଛନ୍ତି। ଏଥିସହ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଟ୍ରମ୍ପ ଏହି ସୂଚନା ପ୍ରଦାନ କରିବା ସହ ଇରାନର ଶକ୍ତି କ୍ଷେତ୍ରଗୁଡ଼ିକରେ ଆକ୍ରମଣକୁ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ସ୍ଥଗିତ ରଖାଗଲା ବୋଲି କହିଛନ୍ତି। ଆମେରିକା ଏବଂ ଇରାନ ଅଧିକାରୀଙ୍କ ମଧ୍ୟରେ ସମ୍ପ୍ରତି ହୋଇଥିବା ଆଲୋଚନା ସକାରାତ୍ମକ ରହିଛି ବୋଲି ଶ୍ରୀ ଟ୍ରମ୍ପ ସୂଚନା ଦେଇଛନ୍ତି। ସଂଘର୍ଷର ସମ୍ପୂର୍ଣ୍ଣ ସମାଧାନ ନେଇ ଶ୍ରୀ ଟ୍ରମ୍ପ ଆଶାବାଦୀ ଅଛନ୍ତି। ଉଭୟ ପକ୍ଷ ଏକ ସମ୍ଭାବ୍ୟ କୂଟନୈତିକ ସଫଳତା ପାଇଁ ପଦକ୍ଷେପ ଗ୍ରହଣ କରୁଥିବାରୁ ସପ୍ତାହକ ପର୍ଯ୍ୟନ୍ତ ଆଲୋଚନା ଜାରି ରହିବ ବୋଲି ଶ୍ରୀ ଟ୍ରମ୍ପ ଘୋଷଣା କରିଛନ୍ତି। ଅନ୍ୟପକ୍ଷରେ ଇରାନ୍‌ର ସରକାରୀ ଗଣମାଧ୍ୟମ ତା' ରିପୋର୍ଟରେ କହିଛି, ତେହେରାନ୍' ୱାଶିଂଟନ ସହିତ ଆଲୋଚନା ସମ୍ଭାବନାକୁ ଦୃଢ଼ ଭାବେ ପ୍ରତ୍ୟାଖ୍ୟାନ୍ କରିଛି। ଉଭୟ ପକ୍ଷଙ୍କ ମଧ୍ୟରେ ବର୍ତ୍ତମାନ କୌଣସି ପ୍ରକାର ସିଧାସଳଖ ଆଲୋଚନା ହୋଇନାହିଁ ବୋଲି ତେହରାନ୍ ସ୍ପଷ୍ଟ କରିଛି। ଇରାନ୍‌ର ବୈଦେଶିକ ମନ୍ତ୍ରଣାଳୟ' ରାଷ୍ଟ୍ରପତି ଶ୍ରୀ ଟ୍ରମ୍ପଙ୍କ ମନ୍ତବ୍ୟକୁ ଖଣ୍ଡନ କରିବା ସହ କହିଛି, ବିଶ୍ୱ ଶକ୍ତି ବଜାରରେ  ସୃଷ୍ଟ ସ୍ଥିତିକୁ ହ୍ରାସ କରିବା ଏବଂ ସମ୍ଭାବ୍ୟ ସାମରିକ ଯୋଜନାକୁ ଦୃଷ୍ଟିରେ ରଖି ଶ୍ରୀ ଟ୍ରମ୍ପ ଏଭଳି ମନ୍ତବ୍ୟ ଦେଇଛନ୍ତି।

# ମାଇନ୍ସ– ସମିଟ୍ ଓ ଅକ୍ସନ

କେନ୍ଦ୍ର କୋଇଲା ଏବଂ ଖଣି ମନ୍ତ୍ରୀ ଜି. କିଶନ ରେଡ୍ଡୀ' ବିକାଶ, ପରିବେଶ ସ୍ଥିରତା ଏବଂ ବୈଷୟିକ ପ୍ରଗତି ପାଇଁ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଅପରିହାର୍ଯ୍ୟ ଏବଂ ଏହି କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ହାସଲ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ନୂଆଦିଲ୍ଲୀରେ ଆଜି ଜାତୀୟ ଜିଲ୍ଲା ଖଣିଜ ପ୍ରତିଷ୍ଠାନ-ଡି.ଏମ୍.ଏଫ୍. ଶିଖର ସମ୍ମିଳନୀ ୨୦୨୬କୁ ସମ୍ବୋଧିତ କରି ମନ୍ତ୍ରୀ କହିଛନ୍ତି, ସରକାର ଖଣିଜ ସୁରକ୍ଷାକୁ ସୁଦୃଢ଼ କରିବା ସହିତ ବିଭିନ୍ନ ପଦକ୍ଷେପ ମାଧ୍ୟମରେ ଶିଳ୍ପ ଅଭିବୃଦ୍ଧିକୁ ସମର୍ଥନ କରିବା ଲାଗି ପଦକ୍ଷେପ ନେଉଛନ୍ତି। ଉଭୟ ସରକାରୀ ଏବଂ ଘରୋଇ କ୍ଷେତ୍ରର ଅଂଶୀଦାରମାନଙ୍କୁ ଏଥିରେ ସାମିଲ କରି ସମନ୍ୱିତ ପ୍ରୟାସର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।

ଏହି ଅବସରରେ ମନ୍ତ୍ରୀ ଗୁରୁତ୍ୱପୂର୍ଣ୍ଣ ଏବଂ ନିର୍ଦ୍ଦିଷ୍ଟ ଖଣିଜ ବ୍ଲକ ଗୁଡ଼ିକର ନିଲାମୀର ସପ୍ତମ ପର୍ଯ୍ୟାୟର ଶୁଭାରମ୍ଭ କରିଛନ୍ତି। ଏଥିରେ ସ୍ୱଚ୍ଛ ଶକ୍ତି, ଉନ୍ନତ ପ୍ରଯୁକ୍ତିବିଦ୍ୟା, ସାର ଏବଂ ପ୍ରତିରକ୍ଷା ଭଳି କ୍ଷେତ୍ର ପାଇଁ ଖଣି ଖନନକୁ ପ୍ରୋତ୍ସାହିତ କରିବା ପାଇଁ ଏକାଧିକ ରାଜ୍ୟରେ ୧୯ଟି ବ୍ଲକ ପ୍ରଦାନ କରାଯାଇଥିଲା।

# ଏସ୍‌ସି– ଓ୍ୱେଷ୍ଟବେଙ୍ଗଲ

ପଶ୍ଚିମବଙ୍ଗର ଚିନ୍‌ରି ଘାଟ ଅଞ୍ଚଳରେ କୋଲକାତା ମେଟ୍ରୋ ପ୍ରକଳ୍ପ କାର୍ଯ୍ୟକାରିତା ନେଇ ରାଜ୍ୟ ସରକାରଙ୍କ ଉଦାସୀନ ମନୋଭାବ ଉପରେ ସୁପ୍ରିମକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ତିନି ଜଣିଆ ଖଣ୍ଡପୀଠ ପଶ୍ଚିମବଙ୍ଗ ସରକାରଙ୍କୁ କୋଲକାତା ହାଇକୋର୍ଟଙ୍କ ନିର୍ଦ୍ଦେଶ ପାଳନ କରିବାକୁ କହିଛନ୍ତି। ମେଟ୍ରୋ ରେଳବାଇ କର୍ତ୍ତୃପକ୍ଷଙ୍କୁ କାର୍ଯ୍ୟ ସମ୍ପାଦନ ନେଇ ଆବଶ୍ୟକ ସହାୟତା ଯୋଗାଇ ଦେବାକୁ ଖଣ୍ଡପୀଠ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।